# NATIONAL NEWS BULLETIN (ODIA)
## 7 October - 2026
## Evening Bulletin : 7.15 p.m.

******************************

## ମୁଖ୍ୟ ସମ୍ବାଦ

- ସରକାରଙ୍କ ନୀତି ସମସ୍ତ ନାଗରିକଙ୍କ ପାଇଁ ସମାଧାନର ପନ୍ଥା ଉପରେ କେନ୍ଦ୍ରୀତ, କହିଲେ ପ୍ରଧାନମନ୍ତ୍ରୀ ।

– ସରକାରଙ୍କ ମୁଖ୍ୟ ଭାବେ ପ୍ରଧାନମନ୍ତ୍ରୀଙ୍କ ସେବା ଓ ସମର୍ପଣର ୨୫ ବର୍ଷ ପୂର୍ତ୍ତି ଅବସରରେ ଶୁଭେଚ୍ଛା ଜଣାଇଲେ ବିଶ୍ୱ ନେତୃବୃନ୍ଦ ।

- ପ୍ରଯୁକ୍ତିବିଦ୍ୟାକୁ ସମସ୍ତଙ୍କ ପାଇଁ ସୁଲଭ କରିବା ସହ ଡିଜିଟାଲ୍ ବିଭାଜନକୁ ରୋକିବା ଉପରେ ପ୍ରଧାନମନ୍ତ୍ରୀଙ୍କ ଗୁରୁତ୍ୱାରୋପ ।

- ୟୁକ୍ରେନ୍ ସଂକଟର ସମାଧାନ ପାଇଁ ଭାରତର ଆଭିମୁଖ୍ୟକୁ ନେଇ କୃତଜ୍ଞତା ଜ୍ଞାପନ କଲା ରୁଷ ।

ଏବଂ

- ରସାୟନ ବିଜ୍ଞାନରେ ନୋବେଲ୍ ପୁରସ୍କାର ପାଇଁ ମନୋନୀତ ହେଲେ ବୈଜ୍ଞାନିକ ହେନରୀ ବି. କାଗାନ ଏବଂ କେନ୍‌ସୋ ସୋଆଇ ।

# ପିଏମ୍-ବିକଶିତ ଭାରତ ସଂକଳ୍ପ

ସରକାରଙ୍କ ନୀତି ସମସ୍ତ ନାଗରିକଙ୍କ ପାଇଁ ସମାଧାନର ପନ୍ଥା ଉପରେ କେନ୍ଦ୍ରୀତ ରହିଥାଏ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ନୂଆଦିଲ୍ଲୀଠାରେ 'ବିକଶିତ ଭାରତ ସଂକଳ୍ପ ସଭା'କୁ ସମ୍ବୋଧିତ କରି ଶ୍ରୀ ମୋଦୀ କହିଛନ୍ତି, ବେଦରୁ ବିବେକାନନ୍ଦ ପର୍ଯ୍ୟନ୍ତ ଭାରତ ସର୍ବଦା ମହାନ୍ ଚିନ୍ତାଧାରା ଓ ମାନବିକତାର ବାର୍ତ୍ତାକୁ ଆଗକୁ ନେଇ ଆସିଛି । ଦେଶର ଜନସାଧାରଣଙ୍କ ବିଶ୍ୱାସ ଏବଂ କୋଟି କୋଟି ଦଳୀୟ କର୍ମକର୍ତ୍ତାଙ୍କ ସମର୍ପଣ ତାଙ୍କ ପାଇଁ ସବୁଠାରୁ ବଡ଼ ପ୍ରେରଣା । ପ୍ରଧାନମନ୍ତ୍ରୀ କହିଛନ୍ତି, ଏହି ୨୫ ବର୍ଷର ଜନବିଶ୍ୱାସ ଓ ଅନୁଭବ ତାଙ୍କ ପାଇଁ ସବୁଠୁ ବଡ଼ ପୁଞ୍ଜି । ଜୀବନର ପ୍ରତ୍ୟେକ ଯାତ୍ରା ତାଙ୍କୁ ନୀତି ନିର୍ଦ୍ଧାରଣରେ ସମ୍ବେଦନଶୀଳତା ଆଣିବା ଶିଖାଇଛି । ଏବେ ଭାରତ ପାଇଁ ଏକ ବଡ଼ ଲକ୍ଷ୍ୟ ସ୍ଥିର କରିବାର ସମୟ ଉପନୀତ ହୋଇଛି । ନାଗରିକଙ୍କ ବିଶ୍ୱାସ ଓ ସମର୍ଥନ' ତାଙ୍କ ରାଜନୈତିକ ଯାତ୍ରାର ଶ୍ରେୟ ବୋଲି ଉଲ୍ଲେଖ କରି ଶ୍ରୀ ମୋଦୀ ସରକାରଙ୍କ ନାଗରିକ କୈନ୍ଦ୍ରିକ ନୀତି ପ୍ରସ୍ତୁତି ଉପରେ ଆଲୋକପାତ କରିଛନ୍ତି । **V/O**

# ପିଏମ୍ ୨୫

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସରକାରଙ୍କ ମୁଖ୍ୟ ଭାବରେ ନିରନ୍ତର ସାର୍ବଜନୀନ ସେବାରେ ୨୫ ବର୍ଷ ପୂରଣ କରିଛନ୍ତି । ଏହି ସଫଳତା

ହାସଲ କରିଥିବା ଜାପାନ, ନାଇଜେରିଆ, ଡୋମିନିକା ଏବଂ ବେଲ୍‌ଜିୟମ୍‌ର ବିଶ୍ୱ ନେତୃବୃନ୍ଦ ପ୍ରଧାନମନ୍ତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

ତାଙ୍କର ନେତୃତ୍ୱ ଏବଂ ଭାରତର ବିକାଶରେ ତାଙ୍କର ଅବଦାନକୁ ପ୍ରଶଂସା କରିବା ସହ ଏହା ଆନ୍ତର୍ଜାତିକ ସ୍ତରରେ ଭାରତର ପ୍ରତିଷ୍ଠା ବୃଦ୍ଧି କରିଛି ବୋଲି ଜାପାନ ପ୍ରଧାନମନ୍ତ୍ରୀ ସାନାଏ ତାକାଇଚି କହିଛନ୍ତି । ବେଲ୍‌ଜିୟମ୍ ପ୍ରଧାନମନ୍ତ୍ରୀ ବାଟ୍ ଡି ୱେଭର୍ ନିରନ୍ତର ୨୫ ବର୍ଷର ନେତୃତ୍ୱ ପାଇଁ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

ଏଥିସହ ଭାରତ ଏବଂ ବେଲ୍‌ଜିୟମ୍ ମଧ୍ୟରେ ଭାଗିଦାରିକୁ ଦୃଢ଼ିଭୂତ କରିବା ନେଇ ସେ ନିଜର ପ୍ରସ୍ତୁତି ପ୍ରକାଶ କରିବା ସହ ନିକଟରେ ସମାପ୍ତ କରିଥିବା ତାଙ୍କର ଭାରତ ଗସ୍ତକୁ ବେଶ୍ ଫଳପ୍ରଦ ବୋଲି ବର୍ଣ୍ଣନା କରିଛନ୍ତି । ଅନ୍ୟ ପକ୍ଷରେ ନାଇଜେରିଆ ରାଷ୍ଟ୍ରପତି ବୋଲା ଅହମ୍ମଦ ଟିନୁବୁ ଏହି ନିରବଚ୍ଛିନ୍ନ ୨୫ ବର୍ଷର ନେତୃତ୍ୱକୁ ଯେକୌଣସି ଗଣତନ୍ତ୍ରରେ ଏକ ବିରଳ ସଫଳତା ଭାବେ ଅଭିହିତ କରିଛନ୍ତି । ଡୋମିନିକା ପ୍ରଧାନମନ୍ତ୍ରୀ ରୁଜ୍‌ଭେଲ୍ଟ ସ୍କେରିଟ୍ ମଧ୍ୟ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଡୋମିନିକା ପ୍ରତି ପ୍ରଦର୍ଶନ କରାଯାଇଥିବା ବନ୍ଧୁତ୍ୱପୂର୍ଣ୍ଣ ମନୋଭାବ ପାଇଁ ପ୍ରଶଂସା କରିଛନ୍ତି ।

## ପିଏମ୍-ଇଣ୍ଟରଆକସନ୍ ଜିଏସ୍ଏମ୍ଏ

ଇଣ୍ଡିଆ ମୋବାଇଲ୍ କଂଗ୍ରେସ – ଆଇ.ଏମ୍.ସି. ୨୦୨୬ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀର ସେବାତୀର୍ଥ ଠାରେ ଗ୍ଲୋବାଲ୍ ସିଷ୍ଟମ୍ ଫର୍ ମୋବାଇଲ୍ କମ୍ୟୁନିକେସନ୍ ଏସୋସିଏସନ୍ – ଜି.ଏସ୍.ଏମ୍.ଏ.ର ବୋର୍ଡ୍ ସଦସ୍ୟମାନଙ୍କ ସହ ଆଲୋଚନା କରିଛନ୍ତି । ପ୍ରଯୁକ୍ତିବିଦ୍ୟାକୁ ସମସ୍ତ ପାଇଁ ସୁଲଭ କରିବା ସହ ଡିଜିଟାଲ୍ ବିଭାଜନକୁ ରୋକିବା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି । ବିଶେଷ କରି ବିକାଶଶୀଳ ଦେଶ ଏବଂ ଗ୍ଲୋବାଲ୍ ସାଉଥ୍‌ର ପ୍ରଗତି ପାଇଁ ଡିଜିଟାଲ୍ ପବ୍ଲିକ୍ ଇନ୍‌ଫ୍ରା ଷ୍ଟ୍ରକଚର୍‌ର ପରିବର୍ତ୍ତନଶୀଳ ଶକ୍ତିର ସମ୍ଭାବନା ସମ୍ପର୍କରେ ପ୍ରଧାନମନ୍ତ୍ରୀ ଆଲୋକପାତ କରିଛନ୍ତି । ସାଇବର ଠକେଇର ମୁକାବିଲା ପାଇଁ ପ୍ରଯୁକ୍ତିବିଦ୍ୟା ଭିତ୍ତିକ ସମାଧାନ ଏବଂ ସଚେତନତା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିବା ସହ ଡିପ୍‌ଫେକ୍‌ର ଉତ୍ପତ୍ତି ସ୍ଥଳ ତୁରନ୍ତ ଚିହ୍ନଟ କରିବା ପାଇଁ ବ୍ୟବସ୍ଥା ଖୋଜିବାକୁ ପରାମର୍ଶ ଦେଇଛନ୍ତି । ଜି.ଏସ୍.ଏମ୍.ଏ. ସଦସ୍ୟମାନେ ଭାରତରେ ଫୋର୍-ଜି ଏବଂ ଫାଇଭ୍-ଜି'ର ଦ୍ରୁତ ସମ୍ପ୍ରସାରଣ, ଟେଲିକମ୍ ଉତ୍ପାଦନ ଅଭିବୃଦ୍ଧି ଏବଂ ଦେଶର ପୁଞ୍ଜିନିବେଶ ଅନୁକୂଳ ନୀତିକୁ ଉଚ୍ଚ ପ୍ରଶଂସା କରିଛନ୍ତି ।

## ରାଜନାଥ-ଇଣ୍ଡିଆ ଇକୋନମିକ୍

ଭାରତ ବିଶ୍ୱର ଶୀର୍ଷ ୫ଟି ଅର୍ଥ ବ୍ୟବସ୍ଥା ମଧ୍ୟରେ ନିଜର ସ୍ଥାନ ବଜାୟ ରଖିଛି ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି । ଉତ୍ତରପ୍ରଦେଶର ଗାଜିଆବାଦ୍‌ଠାରେ ଆୟୋଜିତ ବିକଶିତ ଭାରତ ସଂକଳ୍ପ ସଭାକୁ ସମ୍ବୋଧିତ କରି ଶ୍ରୀ ସିଂହ କହିଛନ୍ତି, ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ସରକାରଙ୍କର ମୁଖ୍ୟ ଲକ୍ଷ୍ୟ ରହିଛି । ଭାରତୀୟ ଅର୍ଥ ବ୍ୟବସ୍ଥା ବର୍ତ୍ତମାନ ୭ ଦଶମିକ୍ ୪ ପ୍ରତିଶତ ହାରରେ ଅଭିବୃଦ୍ଧି ହାସଲ କରୁଛି ବୋଲି ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି । **V/O**

## ଇଣ୍ଡିଆ-ରଷିଆ-ୟୁକ୍ରେନ୍ ୱାର୍

ୟୁକ୍ରେନ୍ ସଂକଟର ସମାଧାନ ପାଇଁ ଭାରତର ପ୍ରସ୍ତୁତିକୁ ନେଇ ରୁଷ ନୂଆଦିଲ୍ଲୀ ପ୍ରତି କୃତଜ୍ଞତା ଜ୍ଞାପନ କରିଛି । କ୍ରେମ୍‌ଲିନ୍ ମୁଖପାତ୍ର ଦିମିତ୍ରି ପେସ୍କୋଭ୍ କହିଛନ୍ତି, ଏହି ସଂକଟର ଏକ ଶାନ୍ତିପୂର୍ଣ୍ଣ ସମାଧାନ ଖୋଜିବା ଦିଗରେ ଚିନ୍ତାଧାରା ଓ ପ୍ରସ୍ତାବ ଦେବା ପାଇଁ ଭାରତର ଇଚ୍ଛାକୁ ମସ୍କୋ ଉଚ୍ଚ ପ୍ରଶଂସା କରିଛି । ୟୁକ୍ରେନ୍ ସଂକଟର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ଭାରତ ଏକ ନୂତନ ତିନିସୂତ୍ରୀ ପ୍ରସ୍ତାବ ପଠାଇଥିବା ରିପୋର୍ଟ୍ ସମ୍ପର୍କରେ ମସ୍କୋରେ ଏକ ଗଣମାଧ୍ୟମର ପ୍ରଶ୍ନର ଉତ୍ତରରେ ସେ ଏହି ମନ୍ତବ୍ୟ ଦେଇଛନ୍ତି । ୟୁକ୍ରେନ୍‌ର ବୈଦେଶିକ ମନ୍ତ୍ରୀ ଆନ୍ଦ୍ରି ସିବିହା ଭାରତର ସମ୍ଭାବ୍ୟ ଅସ୍ତ୍ରବିରତି

ପ୍ରସ୍ତାବକୁ କିଭ୍ ପାଇଥିବା ଚାରୋଟି ପ୍ରସ୍ତାବ ମଧ୍ୟରେ ସବୁଠାରୁ ବ୍ୟାପକ ବୋଲି ବର୍ଣ୍ଣନା କରିବା ପରେ ଏହି ବିବୃତ୍ତି ଆସିଛି ।

## ନୋବେଲ ପ୍ରାଇଜ୍-କେମେଷ୍ଟ୍ରି

୨୦୨୬ ବର୍ଷ ପାଇଁ ରସାୟନ ବିଜ୍ଞାନରେ ନୋବେଲ୍ ପୁରସ୍କାର ଫ୍ରେଞ୍ଚ୍ ରସାୟନବିତ୍ ହେନରୀ ବି. କାଗାନ ଏବଂ ଜାପାନୀ ରସାୟନବିତ୍ କେନ୍‌ସୋ ସୋଆଇଙ୍କୁ ମନୋନୀତ କରାଯାଇଛି । ଆସିମେଟ୍ରିକ୍ ଅର୍ଗାନିକ୍ ସିନ୍ଥେସିସ୍ କ୍ଷେତ୍ରରେ ଅଣରୈଖିକ ପ୍ରଭାବ ଏବଂ ଅଟୋ କାଟାଲିସିସ୍‌ର ଆବିଷ୍କାର ପାଇଁ ୨ ରସାୟନବିତ୍‌ଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି ।

ରୟାଲ୍ ସ୍ୱିଡିସ୍ ଏକାଡେମୀ ଅଫ୍ ସାଇନ୍ସ କହିଛି, କାଗାନ୍ ଏବଂ ସୋଆଇ' ପ୍ରକୃତିରେ କିପରି ସ୍ୱତଃପୃତ ଭାବେ ଆଣବିକ ଅସମତି ସୃଷ୍ଟି ହୋଇପାରେ' ସେ ସମ୍ପର୍କିତ ଶତାବ୍ଦୀ ପୁରୁଣା ରହସ୍ୟର ଉନ୍ମୋଚନ କରିଛନ୍ତି । ଆମିନୋ ଏସିଡ୍ ସମେତ ଅନେକ ଅଣୁ ଦୁଇଟି ପ୍ରତିବିମ୍ବ ରୂପ ନେଇ ବିଦ୍ୟମାନ ଥାନ୍ତି । ଯଦିଓ ଏହି ରୂପ ଗୁଡ଼ିକ ରାସାୟନିକ ଦୃଷ୍ଟିକୋଣରୁ ସମାନ ତଥାପି ଜୀବନ୍ତ ଅଣୁଜୀବ ବା ପ୍ରାଣୀମାନେ ବହୁଳ ଭାବେ ଗୋଟିଏ ରୂପକୁ ବ୍ୟବହାର କରନ୍ତି । ଦଶନ୍ଧି ଦଶନ୍ଧି ଧରି ବୈଜ୍ଞାନିକମାନେ ଏଭଳି ପ୍ରାକୃତିକ ଚୟନଶୀଳତାର ସୃଷ୍ଟିକୁ ନେଇ ଗବେଷଣାରତ ଥିଲେ । ନୋବେଲ୍ କମିଟି ଅନୁଯାୟୀ ରସାୟନବିତ୍‌ମାନେ

ପାରମ୍ପରିକ ଭାବରେ ଲାବୋରୋଟରୀ ସିନ୍ଥେସିସ୍ ସମୟରେ ଉଭୟ ପ୍ରତିବିମ୍ବ ଅଣୁ ସମାନ ପରିମାଣରେ ପାଉଥିଲେ । କିନ୍ତୁ କାଗାନ୍ ଏବଂ ସୋଆଇଙ୍କ ଆବିଷ୍କାର ଦର୍ଶାଇଛି ରାସାୟନିକ ପ୍ରତିକ୍ରିୟାଗୁଡ଼ିକୁ ଗୋଟିଏ ପ୍ରତିବିମ୍ବ ଉତ୍ପାଦନ କରିବା ଦିଗରେ କିଭଳି ପରିଚାଳିତ କରାଯାଇପାରିବ । ଆଧୁନିକ ରସାୟନ ବିଜ୍ଞାନ ବିଶେଷ କରି ଔଷଧ ପ୍ରସ୍ତୁତି କ୍ଷେତ୍ରରେ ଏହା ଏକ ବଡ଼ ସଫଳତା । ଯେଉଁଠାରେ ଚିକିତ୍ସାଗତ ପ୍ରଭାବଶାଳୀତା ପାଇଁ ସଠିକ୍ ଆଣବିକ ରୂପ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । କାଗାନ ୧୯୮୬ ମସିହାରେ ଗୋଟିଏ ଆଣବିକ ପ୍ରତିବିମ୍ବର ଅଧିକ ମାତ୍ରା ଉତ୍ପାଦନ କରିବା ପାଇଁ ରାସାୟନିକ ପ୍ରତିକ୍ରିୟାକୁ ପ୍ରଭାବିତ କରିବାର ଏକ ପଦ୍ଧତି ବିକଶିତ କରି ବଡ଼ ସଫଳତା ହାସଲ କରିଥିଲେ । ଅନ୍ୟ ପକ୍ଷରେ ସୋଆଇ ୧୯୯୫ ମସିହାରେ ଏକ ଯୁଗାନ୍ତକାରୀ ପ୍ରତିକ୍ରିୟା ସହିତ ଏହି କାର୍ଯ୍ୟକୁ ଆଗକୁ ବଢ଼ାଇଥିଲେ ଏବଂ ୨୦୦୩ ମସିହାରେ ଦୁଇଟି ସମ୍ଭାବ୍ୟ ପ୍ରତିବିମ୍ବ ରୂପ ମଧ୍ୟରୁ କେବଳ ଗୋଟିଏ ଉତ୍ପାଦନ କରୁଥିବା ପ୍ରତିକ୍ରିୟା ପ୍ରଦର୍ଶନ କରିଥିଲେ । ଏହି ଦୁଇ ନୋବେଲ ବିଜେତା ୧୨ ମିଲିୟନ୍ ସ୍ୱିଡିସ୍ କ୍ରୋନୋର୍‌ର ପୁରସ୍କାର ରାଶି ପରସ୍ପର ମଧ୍ୟରେ ଭାଗ କରିବେ ।

# ସେବାସଂକଳ୍ପ–ଆନ୍ତର୍ଜାତିକ ସୌରମେଣ୍ଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାର୍ବଜନୀନ ଜୀବନରେ ୨୫ ବର୍ଷ ପୂରଣ କରିଛନ୍ତି। 'ଜନସେବାରୁ ଦେଶସେବା' ମନ୍ତ୍ରକୁ ଆଧାର କରି ତାଙ୍କର ଏହି ଜୟଯାତ୍ରା ଜାରି ରହିଛି। 'ସେବା ଓ ସୁଶାସନ'ର ଏହି ଦୃଷ୍ଟିକୋଣକୁ ନେଇ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନର ଲକ୍ଷ୍ୟ ହାସଲ ଦିଗରେ ସରକାର ନିରନ୍ତର କାର୍ଯ୍ୟ କରୁଛନ୍ତି। ସମାବେଶୀ ବିକାଶ ଓ ସାମାଜିକ ସଶକ୍ତିକରଣ ମାଧ୍ୟମରେ ଏହି ପ୍ରୟାସ ଜନଜୀବନରେ ପରିବର୍ତ୍ତନ ଆଣିଛି। ଆମର ଏହି ବିଶେଷ ଶୃଙ୍ଖଳାରେ ଆଜି ଆମେ ଆପଣମାନଙ୍କୁ 'ଆନ୍ତର୍ଜାତିକ ସୌରମେଣ୍ଟ–ଇଶା' ପଦକ୍ଷେପ ସମ୍ପର୍କରେ ସୂଚନା ପ୍ରଦନା କରୁଛୁ ।

ଭାରତ ଏବଂ ଫ୍ରାନ୍ସ ମିଳିତ ଭାବେ ନଭେମ୍ବର ୨୦୧୫ ମସିହାରେ କପ୍-୨୧ ଜଳବାୟୁ ସମ୍ମିଳନୀ ସମୟରେ ଆନ୍ତର୍ଜାତିକ ସୌରମେଣ୍ଟର ଶୁଭାରମ୍ଭ କରିଥିଲେ । ଏହି ବିଶ୍ୱସ୍ତରୀୟ ଆନ୍ତଃ ସରକାରୀ ସଂଗଠନ ଶକ୍ତିର ଉପଲବ୍ଧତା, ଶକ୍ତି ସୁରକ୍ଷା ଏବଂ ସ୍ଥାୟୀ ବିକାଶର ଏକ ମାଧ୍ୟମ ଭାବରେ ସୌରଶକ୍ତିର ବ୍ୟବହାରକୁ ତ୍ୱରାନ୍ୱିତ କରିବା ପାଇଁ ସମର୍ପିତ । ସୌର ଶକ୍ତି ସମାଧାନର ବ୍ୟାପକ ଗ୍ରହଣ ମାଧ୍ୟମରେ ଜଳବାୟୁ ପରିବର୍ତ୍ତନ ବିରୋଧରେ ସାମୂହିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ 'ଇଶା' ଗଠନ କରାଯାଇଥିଲା । ଆଜି ଇଶା ସୌରଶକ୍ତି ଉପରେ ଆନ୍ତର୍ଜାତିକ ସହଯୋଗ

ପାଇଁ ଏକ ବିଶ୍ୱସ୍ତରୀୟ ମଞ୍ଚରେ ପରିଣତ ହୋଇଛି । ଯେଉଁଠାରେ ବର୍ତ୍ତମାନ ୧୨୯ଟି ଦେଶ ସଦସ୍ୟ ଭାବେ ପଞ୍ଜିକୃତ ହୋଇଛନ୍ତି । ପ୍ୟାରିସ୍‌ରେ କପ୍-୨୧ ସମୟରେ ଆନ୍ତର୍ଜାତିକ ସୌରମେଣ୍ଟର ଶୁଭାରମ୍ଭ କାର୍ଯ୍ୟକ୍ରମରେ ସହ-ଅଧ୍ୟକ୍ଷତା କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଥିଲେ, ଗବେଷଣା ଓ ବିକାଶକୁ ପ୍ରୋତ୍ସାହିତ କରିବା, ନିୟମାବଳୀକୁ ସରଳ କରିବା, ଭିତ୍ତିଭୂମି ନିର୍ମାଣ କରିବା ଏବଂ ପୁଞ୍ଜିନିବେଶ ଆକର୍ଷିତ କରିବା ପାଇଁ ନୂତନ ଆର୍ଥିକ ମଡେଲ୍ ପ୍ରସ୍ତୁତ କରି ସୌର ଶକ୍ତିକୁ ଶସ୍ତା, ନିର୍ଭର ଯୋଗ୍ୟ ଏବଂ ବ୍ୟାପକ ଉପଲବ୍ଧତା ଉପରେ ଏହି ମେଣ୍ଟ ଧ୍ୟାନ କେନ୍ଦ୍ରୀଭୂତ କରିଛି ।

ଆକାଶବାଣୀ ସମ୍ବାଦ ସହ କଥାବାର୍ତ୍ତା ବେଳେ 'ଇଶା'ର ମହାନିର୍ଦ୍ଦେଶକ ଆଶିଶ ଖାନ୍ନା କହିଛନ୍ତି, 'ଇଶା' ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦୂରଦୃଷ୍ଟିର ସାମର୍ଥ୍ୟକୁ ଦର୍ଶାଉଛି ଏବଂ ଗ୍ଲୋବାଲ୍ ସାଉଥ୍ ନିକଟରେ ଭାରତର ଦକ୍ଷତା ପ୍ରଦର୍ଶନ କରୁଛି, ଯାହା ସ୍ୱଚ୍ଛଶକ୍ତି, ଜୀବିକା ଏବଂ ଶକ୍ତି ସୁରକ୍ଷା ପାଇଁ ବିଭିନ୍ନ ଦେଶକୁ ଏକତ୍ର କରିଛି ।

## ବ୍ୟାଡ୍‌ମିଣ୍ଟନ୍-ଆର୍ଟିକ୍ ଓପନ୍

ଫିନ୍‌ଲାଣ୍ଡର ଭାଣ୍ଟାଠାରେ ଅନୁଷ୍ଠିତ ଆର୍ଟିକ୍ ଓପନ୍ ସୁପର ଫାଇଭ୍ ହଣ୍ଡ୍ରେଡ୍ ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟରେ ଆଜି ଭାରତକୁ ମିଶ୍ରିତ ଫଳାଫଳ

ମିଳିଛି । ପୁରୁଷ ଡବଲ୍ସରେ କୃଷ୍ଣ ପ୍ରସାଦ ଗରାଗା ଏବଂ ପୃଥ୍ୱୀ କୃଷ୍ଣମୂର୍ତ୍ତି ରୟଙ୍କ ଯୋଡ଼ି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି । ଏକ ସଂଘର୍ଷପୂର୍ଣ୍ଣ ପ୍ରଥମରାଉଣ୍ଡ ମ୍ୟାଚ୍‌ରେ ଚୀନ୍‌ର ହେ-ଜି-ଟିଂ ଏବଂ ରେନ୍ ସିଆଙ୍ଗ୍ ୟୁଙ୍କୁ ୧୦-୨୧, ୨୧-୧୮, ୨୨-୨୦ରେ ପରାସ୍ତ କରିଛନ୍ତି । ତେବେ ପୁରୁଷ ଡବଲ୍ସରେ ଏଚ୍.ଏସ୍. ପ୍ରଣୟ ପ୍ରାରମ୍ଭିକ ରାଉଣ୍ଡରୁ ବିଦାୟ ନେଇଛନ୍ତି । ସେ ଡେନ୍‌ମାର୍କର ଆଣ୍ଡସ୍ ଆଣ୍ଟୋନ୍‌ସେନ୍‌ଙ୍କଠାରୁ ପରାସ୍ତ ହୋଇଛନ୍ତି ।

ମହିଳା ସିଙ୍ଗଲ୍ସରେ ଦୁଇଥର ଅଲିମ୍ପିକ୍ ପଦକ ବିଜେତା ପି.ଭି. ସିନ୍ଧୁ କାନାଡ଼ାର ୱେନ୍ ୟୁ ଜାଙ୍ଗ୍‌ଙ୍କୁ ୨୧-୮, ୨୧-୧୧ରେ ପରାସ୍ତ କରି ପ୍ରି’କ୍ୱାର୍ଟର୍ ଫାଇନାଲ୍‌କୁ ଉନ୍ନିତ ହୋଇଛନ୍ତି । ତନ୍‌ଭୀ ଶର୍ମା ମଧ୍ୟ ତାଇୱାନ୍‌ର ଚ୍ୟୁ ପିନ୍ ଚିଆନ୍‌ଙ୍କୁ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି ।